ସୋହେଲ ମେହବୁବ୍ ଶେଖ୍

ବନାମ

ମହାରାଷ୍ଟ୍ର ରାଜ୍ୟ

(ଫୌଜଦାରୀ ଆବେଦନ ସଂଖ୍ୟା 1080/2007)

ଏପ୍ରିଲ 17,2009

**[ଡକ୍ଟର ଅରିଜିତ ପଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତିଦ୍ୱୟ]**

*ଦଣ୍ଡ ସଂହିତା, 1860 ର ଧାରା 302/34 - ପତ୍ନୀଙ୍କ ଅପମୃତ୍ୟୁ ସକାଶେ ସ୍ୱାମୀଙ୍କୁ ଧାରା 302 ଅନୁଯାୟୀ ନିମ୍ନ ଅଦାଲତଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ - ଯୌତୁକ ନିର୍ଯାତନାର ଅଭିଯୋଗ ପ୍ରମାଣିତ ନ ହେବାରୁ ଧାରା 498A ଅନୁଯାୟୀ ମୁକ୍ତ - ଆବେଦନ ଉପରେ ରାୟ ଦିଆଗଲା ଯେ : ଅନ୍ଦାଜ ଏବଂ ଅନୁମାନ ଉପରେ ଆଧାର କରି ଉଚ୍ଚ ନ୍ୟାୟାଳୟଙ୍କର ଆଦେଶ - ସ୍ୱାମୀଙ୍କ ବିରୋଧରେ ଆରୋପ ପ୍ରମାଣିତ ହୋଇନଥିଲା - ମୃତ ମହିଳା ଅପମୃତ୍ୟୁର ସମ୍ମୁଖୀନ ହୋଇଥିଲେ ଏବଂ ଅଭିଯୁକ୍ତ ଘଟଣା ବିଷୟରେ ସ୍ପଷ୍ଟୀକରଣ ଦେଲେନାହିଁ, ଏହାକୁ ପୃଥକ ଭାବରେ କିମ୍ବା ସାମୂହିକ ଭାବରେ ପ୍ରାସଙ୍ଗିକ ବୋଲି ବିବେଚନା କରାଯାଇପାରିବ ନାହିଁ - ଘଟଣା ସମୟରେ ଅଭିଯୁକ୍ତ କୋଠରୀରେ ଉପସ୍ଥିତ ଥିଲେ ବୋଲି ଦର୍ଶାଇବା ପାଇଁ କୌଣସି ପ୍ରମାଣ ନଥିଲା - ଅଭିଯୋଜନ ପକ୍ଷ ଘଟଣାର ସମୟ କୁ ପ୍ରମାଣିତ କରିପାରିଲା ନାହିଁ - ତେଣୁ, ନିମ୍ନ ଅଦାଲତଙ୍କ ଦ୍ୱାରା ଦଣ୍ଡବିଧାନକୁ ବାତିଲ୍ କରିଦିଆଗଲା ।*

ଫୌଜଦାରୀ ଆବେଦନ ଅଧିକରିତା : ଫୌଜଦାରୀ ଆବେଦନ ସଂଖ୍ୟା 1080/2007

ଫୌଜଦାରୀ ଆବେଦନ ସଂଖ୍ୟା169/2005 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର ଔରଙ୍ଗାବାଦ ଖଣ୍ଡପୀଠ ତାରିଖ 03.04.2007 ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀମାନଙ୍କ ତରଫରୁ ପାଇଁ ଗୌରବ ଅଗ୍ରୱାଲ୍ ।

ଉତ୍ତରଦାତାମାନଙ୍କ ତରଫରୁ ସୁଶୀଲ୍ କରଞ୍ଜକର୍ ଏବଂ ସଞ୍ଜୟ ଖାର୍ଡେ ।

**ନ୍ୟାୟମୂର୍ତ୍ତି ଡକ୍ଟର ଅରିଜିତ ପଶାୟତଙ୍କ** ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

1. ଯାହା ଭାରତୀୟ ଦଣ୍ଡ ସଂହିତାର (ସଂକ୍ଷେପରେ 'ଆଇପିସି') ଧାରା 302 ସହ ଧାରା 34, ଧାରା 498A ଏବଂ ଧାରା 323 ସହିତ 34 କୁ ଲାଗୁ କରି ଦଣ୍ଡନୀୟ ଅପରାଧ ପାଇଁ ଆବେଦନକାରୀଙ୍କୁ ଦୋଷୀସାବ୍ୟସ୍ତ ଏବଂ ଦଣ୍ଡାଦେଶକୁ ବଜାୟ ରଖି ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର ଏକ ଦୁଇଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ପାରିତ ହୋଇଥିବା ତାରିଖ 3.4.2007 ର ରାୟ ଏବଂ ଆଦେଶକୁ ଏହି ଆବେଦନରେ ଆପତ୍ତି କରାଯାଇଛି ।

2. ପ୍ରଥମେ ପାଞ୍ଚ ଜଣ ଅଭିଯୁକ୍ତ ବ୍ୟକ୍ତି ଥିଲେ । ସେମାନଙ୍କ ମଧ୍ୟରୁ, ଅଭିଯୁକ୍ତ -2, ଅଭିଯୁକ୍ତ - 4 ଏବଂ ଅଭିଯୁକ୍ତ - 5 ଆଇପିସିର ଧାରା 498A ଏବଂ 323 ଅନୁଯାୟୀ ଦଣ୍ଡନୀୟ ଅପରାଧ ସମ୍ବନ୍ଧୀୟ ଅଭିଯୋଗରେ ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 (ସଂକ୍ଷେପରେ 'ସଂହିତା') ର ଧାରା 235 ଅନୁଯାୟୀ ବିଚାରଣ ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଦୋଷରେ ଖଲାସ ହୋଇଥିବାବେଳେ ଏଠାରେ ଆବେଦନକାରୀ ଏବଂ ଅଭିଯୁକ୍ତ - 3 ଆଇପିସିର ଧାରା 302/34 ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହେଲେ ।

3. ଆକ୍ଷେପିତ ରାୟ ଦ୍ୱାରା ଉଚ୍ଚ ନ୍ୟାୟାଳୟ ଅଭିଯୁକ୍ତ -3 ଙ୍କୁ ହୋଇଥିବା ଦୋଷୀସାବ୍ୟସ୍ତକରଣକୁ ବାତିଲ୍ କରିଦେଇଥିଲେ, କିନ୍ତୁ ଆଇପିସିର ଧାରା 302 ଅନୁଯାୟୀ ବର୍ତ୍ତମାନର ଆବେଦନକାରୀଙ୍କୁ ହୋଇଥିବା ଦୋଷୀସାବ୍ୟସ୍ତକରଣକୁ କାଏମ ରଖିଥିଲେ ।

4. ଅଭିଯୋଜନ ପକ୍ଷର ମାମଲା କେତେକ ପରିସ୍ଥିତି ଉପରେ ଆଧାରିତ ଏବଂ ବିଚାରଣ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ ସେହି ପରିସ୍ଥିତିଗୁଡିକ, ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଯଥେଷ୍ଟ ବୋଲି ଦର୍ଶାଇଥିଲେ । ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ ଯୌତୁକ ନିର୍ଯ୍ୟାତନା ଅଭିଯୋଗ ପ୍ରମାଣିତ ହୋଇନାହିଁ , ସେଥିପାଇଁ ଏହା ଆଇପିସିର ଧାରା 498A ସମ୍ବନ୍ଧୀୟ ଅଭିଯୋଗରୁ ଆବେଦନକାରୀଙ୍କୁ ମୁକ୍ତ କରିଥିଲେ ।

ଉଚ୍ଚ ନ୍ୟାୟାଳୟଙ୍କର ରାୟକୁ ଏହି ଆଧାରରେ ଆପତ୍ତି କରାଯାଇଛି ଯେ ଅଭିଯୁକ୍ତଙ୍କର ନିର୍ଦ୍ଦୋଷକୁ ଏଡାଇବା ପାଇଁ ଏବଂ ଅପରାଧ ଘଟାଇଛନ୍ତି ବୋଲି ଅଭିଯୁକ୍ତଙ୍କ ଆଡ଼କୁ ନିର୍ଭୁଲ୍ ଭାବରେ

ଅଙ୍ଗୁଳି ନିର୍ଦ୍ଦେଶ କରିବା ପାଇଁ ବିଚାରଣ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦୃଷ୍ଟିଗୋଚର କରାଯାଇଥିବା ପରିସ୍ଥିତିଗୁଡିକ ଏଠାରେ ଏକ ସମ୍ପୂର୍ଣ୍ଣ ଶୃଙ୍ଖଳ ରଖନ୍ତି ନାହିଁ ।

6. ଅନ୍ୟପକ୍ଷରେ ଉତ୍ତରଦାତାଙ୍କ ତରଫରୁ ପରାମର୍ଶଦାତା, ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ସମର୍ଥନ କରିଥିଲେ ।

7. ଅଭିଯୋଜନ ପକ୍ଷ ଦ୍ୱାରା ନଥିରେ ଅଣାଯାଇଥିବା ଏବଂ ବିଚାରଣ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦୃଷ୍ଟିଗୋଚର କରାଯାଇଥିବା ତିନୋଟି ପରିସ୍ଥିତି ନିମ୍ନରେ ଦିଆଗଲା :

" (i) ମୃତ ସୋଫିଆ ଏକ ଅପମୃତ୍ୟୁର ସମ୍ମୁଖୀନ ହୋଇଥିଲେ ;

(ii) ମୃତ ସୋଫିଆ ଯେଉଁ କକ୍ଷରେ ମୃତ୍ୟୁବରଣ କରିଥିଲେ, ତାହା ସମ୍ପୂର୍ଣ୍ଣ ରୂପେ ଏବଂ ବିଶେଷ କରି ତାଙ୍କର ଏବଂ ତାଙ୍କ ସ୍ୱାମୀଙ୍କ ଅର୍ଥାତ୍ ଅଭିଯୁକ୍ତ ସଂଖ୍ୟା - 1 ଙ୍କ ଦ୍ୱାରା ଅଧିକୃତ ଥିଲା ;

(iii) ଯେଉଁ ଘଟଣାରେ ମୃତ ସୋଫିଆ ପୋଡ଼ି ହୋଇ ଯାଇଥିଲେ, ସେହି ଘଟଣା ସମ୍ପର୍କରେ ଆବେଦନକାରୀ କୌଣସି ସ୍ପଷ୍ଟୀକରଣ ଦେଇନାହାନ୍ତି । "

8. ଆମେ ନଥିରେ ଥିବା ପ୍ରମାଣକୁ ଅନୁଧ୍ୟାନ କରିଛୁ ଏବଂ ଆମେ ଜାଣିବାକୁ ପାଇଲୁ ଯେ ଉଚ୍ଚ ନ୍ୟାୟାଳୟ କିଛି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି, ଯାହା ଆମ ମତରେ, ଅନ୍ଦାଜ ଏବଂ ଅନୁମାନ ଉପରେ ଆଧାରିତ , କିନ୍ତୁ ଏହି ସିଦ୍ଧାନ୍ତକୁ ସମର୍ଥନ କରିବା ପାଇଁ ଏଠାରେ କୌଣସି ପ୍ରମାଣ ନାହିଁ । ସେହି କାରଣରୁ, ଆମେ ଜାଣିବାକୁ ପାଇଲୁ ଯେ ଆବେଦନକାରୀଙ୍କ ବିରୋଧରେ ଅଭିଯୋଗ ପ୍ରମାଣିତ ହୋଇନାହିଁ ।

9. ପ୍ରଥମ ଏବଂ ତୃତୀୟ ପରିସ୍ଥିତିଗୁଡିକୁ ମଧ୍ୟ ପୃଥକ ଭାବରେ କିମ୍ବା ସାମୂହିକ ଭାବରେ ପ୍ରାସଙ୍ଗିକ ବୋଲି ବିବେଚନା କରାଯାଇପାରିବ ନାହିଁ । ଯେ ପର୍ଯ୍ୟନ୍ତ ଦ୍ୱିତୀୟ ପରିସ୍ଥିତି ଜଡ଼ିତ, ସେହି କ୍ଷେତ୍ରରେ ଘଟଣା ସମୟରେ ଅଭିଯୁକ୍ତ କକ୍ଷରେ ଉପସ୍ଥିତ ଥିଲେ ବୋଲି ଦର୍ଶାଇବା ପାଇଁ କୌଣସି ପରିସ୍ଥିତିଗତ ପ୍ରମାଣ ନାହିଁ । ଘଟଣାର ସମୟ, ଏପରିକି ଆନୁମାନିକ ଭାବରେ ମଧ୍ୟ ଅଭିଯୋଜଁ ପକ୍ଷ ଦ୍ୱାରା ପ୍ରମାଣିତ ହୋଇନାହିଁ ।

10. ତେଣୁ, ବିଚାରଣ ନ୍ୟାୟାଳୟଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କାଏମ ରଖାଯାଇଥିବା ଦୋଷୀସାବ୍ୟସ୍ତିକରଣ ରାୟକୁ ଆମେ ବାତିଲ୍ କଲୁ । ଆବେଦନକୁ ଅନୁମତି ଦିଆଗଲା ।

11. ଆବେଦନକାରୀ କାରାଗାରରେ ଅଛନ୍ତି । ଯଦି ସେ ଅନ୍ୟ କୌଣସି ମାମଲାରେ ଜଡ଼ିତ ନାହାନ୍ତି ତେବେ ତାଙ୍କୁ ତୁରନ୍ତ ମୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଗଲା ।

ଡି. ଜି. ଆବେଦନକୁ ଫଇସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।